



# ଚୋରକୁ ୨ ବର୍ଷ ସଜା

**ଭୁବନେଶ୍ୱର, ୫ ।୩(ସମିସ):** ଭରତପୁର ଥାନା ଅଞ୍ଚଳରେ ହୋଇଥିବା ଏକ ଚୋରି ମାମଲାର ବିଚାର କରି କୁଖ୍ୟାତ ଚୋର ସୁନୀଲ କୁମାର ମଲ୍ଲକୁ ଦୁଇ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି ଭୁବନେଶ୍ୱର ପ୍ରଥମ ଶ୍ରେଣୀୟ-୫ର ବିଚାର ବିଭାଗୀୟ ଅଦାଲତର ବିଚାରପତି ସବ୍ୟସାଚୀ ପଣ୍ଡା।

ସୂଚନାଯୋଗ୍ୟ ଯେ, ଭରତପୁର ଥାନା ଅଧୀନ କୋଲଥିଆସ୍ଥିତ ସତ୍ୟସାଇ ଏନ୍‌କ୍ଲାଭରେ ରହୁଥିବା ସ୍ୱର୍ଣ୍ଣଜିତ ପ୍ରଧାନଙ୍କ ବୁଲେଟ୍ ଗାଡ଼ି ଘର ଆଗରୁ ଚୋରି ହୋଇଥିଲା। ଏନେଇ ସେ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତ ସୁନୀଲକୁ ପୁଲିସ ଗିରଫ କରିଥିଲା। ଉପରୋକ୍ତ ମାମଲାର ବିଚାର କରି ମାନ୍ୟବର ଅଦାଲତ ୬ଜଣ ସାକ୍ଷୀଙ୍କ ବୟାନ ଓ ୧୫ଟି ଦସ୍ତାବିଜକୁ ଆଧାର କରି ସୁନିଲକୁ ୨ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସହାୟକ ଆଇନ୍‌ଜୀବୀ ନିରଞ୍ଜନ ବେହେରା ପରିଚାଳନା କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ବର୍ଷ ସମୁଦାୟ ୮୨ଟି ମାମଲାର ଶୁଣାଣି କରାଯାଇ ଦୋଷୀମାନଙ୍କୁ ସଜା ଦିଆଯାଇସାରିଥିବା ବେଳେ ମଙ୍ଗଳବାର ଭୁବନେଶ୍ୱର ସହରାଞ୍ଚଳ ଚଳିତ ବର୍ଷର ୧୬ଟି ମାମଲାର ଶୁଣାଣି ଶେଷ ହୋଇଛି।

■ ସାଇବର୍ ଠକଙ୍କ ନୂଆ ଚାଲ୍

# ସ୍ପିଡ୍ ପୋଷ୍ଟରେ ଲକି କୁପନ ପଠାଇ ଲୁଟ୍ ଉଦ୍ୟମ

**ଭୁବନେଶ୍ୱର, ୫ ।୩(ସମିସ):** ଅଭିନବ ଉପାୟରେ ଠକେଇ କରିବାକୁ ଜାଲ ବିଛାଇଛନ୍ତି ସାଇବର୍ ଠକ। ସ୍ପିଡ୍ ପୋଷ୍ଟରେ ଲକି କୁପନ ପଠାଇ ଲୁଟିବାକୁ ଯୋଜନା କରିଥିବା ବେଳେ ଧରାପଡ଼ି ଯାଇଛନ୍ତି। ଚନ୍ଦ୍ରଶେଖରପୁର ବିଡ଼ିଏ କଲୋନୀର ଦୀପକ ମିଶ୍ର ମେସୋ ଅନ୍‌ଲାଇନ ଆପ୍‌ରେ ସମସ୍ତ ଜିନିଷ ଅର୍ଡର କରୁଥିବା ବେଳେ ସୋମବାର ସ୍ପଡ୍‌ପୋଷ୍ଟରେ ତାଙ୍କ ପାଖକୁ ଏକ ଏନ୍‌ଭଲପ୍ ଆସିଥିଲା। ଖୋଲିବା ପରେ ଯେଉଁ ଆପ୍‌ରୁ ଜିନିଷ ଅର୍ଡର୍ କରନ୍ତି ସମ୍ପୃକ୍ତ ଆପ୍ ଲୋଗୋ ଥାଇ ୧୧ଲକ୍ଷ ଟଙ୍କାର ଲକି କୁପନ୍ ବାହାରିଥିଲା। ସେଥିରେ ଥିବା ଚିଠିରେ ମଧ୍ୟ ପୁରସ୍କାର ଜିତିଥିବା ଲେଖା ହୋଇଥିଲା। ଏଥିପାଇଁ ନିଜର ଆକାଉଣ୍ଟ ନମ୍ବରକୁ କୁପନ୍ ଭିତରେ ଦିଆଯାଇଥିବା ନମ୍ବରରେ ମେସେଜ କରିବାକୁ କୁହାଯାଇଥିଲା। ଆଉ ଏଥିପାଇଁ ଅଗ୍ରୀମ କିଛି ଟଙ୍କା ଡିପୋଜିଟ୍ କରିବାକୁ କୁହାଯାଇଥିଲା। ହେଲେ ଏହା ସାଇବର୍ ଠକଙ୍କ ଚାଲ୍ ଆଉ ଠକେଇ ତରିକା ଜାଣିବା ପରେ ପୁଲିସର ଦ୍ୱାରସ୍ଥ ହୋଇଥିଲେ ଦୀପକ। ସେପଟେ ପୋଷ୍ଟାଲରେ ପ୍ରେରକ ଠିକଣା ଥିବାରୁ ସାଇବର୍ ଥାନା ପୁଲିସକୁ ଏହି ଅଦୃଶ୍ୟ ଲୁଟେରାଙ୍କୁ ଧରିବା ସହଜ ହେବ ବୋଲି କହିଛନ୍ତି ଦମ୍ପତି।

# ୨୦ଲକ୍ଷର ଗହଣା ଲୁଟ୍

**ଭୁବନେଶ୍ୱର, ୫ ।୩ (ସମିସ):** ଭୁବନେଶ୍ୱର ରେଲୱେ ଷ୍ଟେସନରେ ଜଣେ ମହିଳା ଯାତ୍ରୀଙ୍କ ଠାରୁ ୨୦ଲକ୍ଷରୁ ଅଧିକ ଟଙ୍କାର ସୁନାଗହଣା ଲୁଟ୍‌ପାଟ ହୋଇଛି। ଲୁଟ୍‌ର ଶିକାର ହୋଇଥିବା ଯାତ୍ରୀ ଗୋଆର ସ୍ନେହା ସୁଧିର କାଲେ ଏନେଇ ଜିଆର୍‌ପି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ, ସ୍ନେହା ସୁଧିର ଅମରାବତୀ ଟ୍ରେନ୍‌ରେ ଯାତ୍ରା କରୁଥିଲେ। ଟ୍ରେନ୍‌ଟି ଭୁବନେଶ୍ୱର ଷ୍ଟେସନ ନଂ-୪ରେ ଟ୍ରେନ୍ ଅଟକିଥିଲା। ଟ୍ରେନ୍ ଛାଡ଼ିବା ସମୟରେ ଜଣେ ଲୁଟେରା ଉକ୍ତ ଲଗେଜକୁ ଧରି ପ୍ଲାଟ୍‌ଫର୍ମରେ ଓହ୍ଲାଇ ଚମ୍ପଟ ମାରିଥିଲେ।

# ୧୦ ନିଶା ବେପାରୀ ଗିରଫ

**ଭୁବନେଶ୍ୱର, ୫ ।୩(ସମିସ):** ରାଜଧାନୀରେ ନିଶା କରୁଥିବା ୧୦ଜଣଙ୍କୁ ଗିରଫ କରିଛି ପୁଲିସ ଓ ଅବକାରୀ ୟୁନିଟ୍। ଆଜି ଫୁଲେଶ୍ୱରୀ ଓ କାର୍ଗିଲ ବସ୍ତିରେ ଚଢ଼ଉ କରି ୯ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସୁନୀଲ ନାଏକ ବଂଶୀ ଦାସ, ଗଜେନ୍ଦ୍ର ନାୟକ, ଦିଲେସ ଦୋରା, ଶିବରାଜ ଛୋଟରାୟ, ରମା ପ୍ରଧାନ, ଜାନୁ ନାୟକ, ସାବିତ୍ର ସୋରେନ୍ ଓ ଲିଲି ସେଠୀ। ସେମାନଙ୍କ ଠାରୁ ୨୩୭ ଲିଟର ମଦ ଜବତ ହୋଇଛି। ସେଭଳି ଜାମୁକୋଳି ହାଇସ୍କୁଲ ପଡ଼ିଆରେ ଗଞ୍ଜେଇ ବିକ୍ରି କରୁଥିବା ସୂର୍ଯ୍ୟକାନ୍ତ ପରିଡ଼ାକୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ।

ଆଗକୁ ନିର୍ବାଚନ /

# ରାଜଧାନୀକୁ ସୁରକ୍ଷା ଦେବ 'ସିସିଟିଭି'

ରାଜଧାନୀକୁ ଜଗୁଛି ୭୭୫ କ୍ୟାମେରା

ଇନ୍‌ଫୋସିଟିରୁ ପଟିଆ ରାସ୍ତାରେ ସର୍ବାଧିକ ୧୯୫

୧୬ ସ୍ଥାନରେ ୭୮ ସିସିଟିଭି ଅକାମୀ



**ଭୁବନେଶ୍ୱର, ୫ ।୩(ସମିସ):**

ସୁରକ୍ଷାର ଅନ୍ୟ ନାଁ ସିସିଟିଭି। ଆଗକୁ ଆସୁଥିବା ସାଧାରଣ ନିର୍ବାଚନ ସମୟରେ ସୁରକ୍ଷାକୁ ସୁନିଶ୍ଚିତ କରିବ ସିସିଟିଭି। ସହରରେ ଅପରାଧ ନିୟନ୍ତ୍ରଣ ସହ ଅମାନିଆ ଚାଳକଙ୍କ ପ୍ରତି ନଜର ରଖିବ ସିସିଟିଭି। ପୁଲିସକୁ ତଦନ୍ତ ଓ ପ୍ରମାଣ ଯୋଗାଡ଼ କରିବାରେ ସହଯୋଗର ହାତ ବଢ଼ାଇଛି ସିସିଟିଭି। ଅଭିଯୁକ୍ତ ଓ ଦୁର୍ଘଟଣା ସମୟର ଛବିକୁ କଏଦ୍ କରି ସେବା ଯୋଗାଉଛି। ଆଉ ସାଧାରଣ ଜନତାଙ୍କ ସୁରକ୍ଷାର ମୂକସାକ୍ଷୀ ହେଉଛି ସିସିଟିଭି। ଅପରାଧ ନିୟନ୍ତ୍ରଣ, ସୁରକ୍ଷା ସହ ଅନ୍ୟାନ୍ୟ ସମ୍ବେଦନଶୀଳ ଘଟଣାରେ କମିସନରେଟ୍ ପୁଲିସର ଲାଗି ମୁଖ୍ୟ ଆୟୁଧ ପାଲଟିଛି ସିସିଟିଭି। ଚୋରି, ଡକାୟତି, ରାହାଜାନି, ଦୁର୍ଘଟଣା ଘଟାଉଥିବା ଭଳି ଅପରାଧୀଙ୍କୁ ଧରିବାରେ ସିସିଟିଭିକୁ ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି। ବିଶେଷକରି ମେଳା ମହୋତ୍ସବରେ ସିସିଟିଭିର ଗୁରୁତ୍ୱ ବଢ଼ିଛି।

ରାଜଧାନୀରେ ୨୩୨ଟି ସମ୍ବେଦନଶୀଳ ଛକ ଓ ଗଳିକନ୍ଦିରେ ୮୫୩ ସିସିଟିଭି ଲଗାଯାଇଛି। ସେଥିରୁ ଏବେ ୭୭୫ଟି ସିସିଟିଭି କାର୍ଯ୍ୟକ୍ଷମ ହେଉଛି। ଆଉ ବଳକା ୧୬ଟି ସ୍ଥାନରେ ୭୮ଟି ସିସିଟିଭି ଅକାମୀ ହୋଇଯାଇଛି। ସିସିଟିଭି ସର୍ଭିଲାନ୍ସ ଦାୟିତ୍ୱରେ ଏବେ କମିସନରେଟ୍ ପୁଲିସ ରହିଛି। କିଛି ଦିନ ତଳେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍(ବିଏସ୍‌ସିଏଲ୍) ପକ୍ଷରୁ ଭୁବନେଶ୍ୱର ଅପରେସନ୍ ସେଣ୍ଟରକୁ ପୁଲିସକୁ ହସ୍ତାନ୍ତର କରାଯିବା ପରେ ସେଠାରେ ପୁଲିସ କର୍ମଚାରୀଙ୍କ ମୁତୟନ କରାଯିବ। ସେଇ ସେଣ୍ଟରରୁ ୩୨ଟି ସ୍ଥାନରେ ୨୨୦ଟି କ୍ୟାମେରା କାର୍ଯ୍ୟକ୍ଷମ ହେଉଥିବା ବେଳେ ଗୋଟିଏ ସ୍ଥାନରେ ୨୫ଟି କ୍ୟାମେରା କାମ କରୁନି। ସେହିପରି ଇନ୍‌ଫୋସିଟି ରୋଡରୁ ପଟିଆ ଯାଏଁ ଅତି ସମ୍ବେଦନଶୀଳ ରାସ୍ତା ଭାବେ ଘୋଷଣା କରାଯାଇଛି। ଏହି ରାସ୍ତାର ୩୧ଟି ସ୍ଥାନରେ ୧୯୮ଟି ସିସିଟିଭି କାର୍ଯ୍ୟକ୍ଷମ ହେଉଛି। କଣ୍ଟ୍ରୋଲ ରୁମ୍‌ରେ ପୁଲିସ କର୍ମଚାରୀ ସହରରେ ଆଇନ୍ ଶୃଙ୍ଖଳ। ଉପରେ ନଜର ରଖୁଛନ୍ତି। ଅପରାଧୀ ସହ ଅମାନିଆଙ୍କୁ ଧରିବା ଲାଗି ପୁଲିସ ଅପରେଟ୍ କରାଯାଉଛି। କିନ୍ତୁ ଉକ୍ତ ସିସିଟିଭିଗୁଡ଼ିକୁ ସ୍ମାର୍ଟସିଟି ଲିମିଟେଡ୍ ରକ୍ଷଣାବେକ୍ଷଣା କରୁଛି। ସେଭଳି ୩ ପ୍ରକାର ସିସିଟିଭି ସହରରେ ଲଗାଯାଇଛି। ବରିଷ୍ଠ ନାଗରିକଙ୍କ ସୁରକ୍ଷା ଓ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ ଧରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଥିସହିତ ଅପରାଧି ଆଉ ଅପରାଧ ଘଟାଇ ଖସିପାରିବେ ନାହିଁ। ଉକ୍ତ ସିସିଟିଭିରେ ସବୁ ରେକର୍ଡ କରାଯାଉଛି। ପରବର୍ତ୍ତୀ ସମୟରେ ଉକ୍ତ ଫୁଟେଜକୁ ଯାଞ୍ଚ କରି ଅପରାଧୀ ନିକଟରେ ପହଞ୍ଚିବାରେ ସହଜ ହେଉଛି। ତେବେ ଆହୁରି ସିସିଟିଭି ବଢ଼ାଇବା ସହ ଅକାମୀ ସିସିଟିଭିକୁ କାର୍ଯ୍ୟକ୍ଷମ କରିବା ଲାଗି ପ୍ରକ୍ରିୟା ଜାରି ରହିଥିବା ପୁଲିସ କହିଛି।

## ବଳ ଯୋଗାଇଲା 'ସହଭାଗିତା'

ଅପରାଧ ମୁକ୍ତ ସହ ସିସିଟିଭି ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା କରାଯାଇଛି। କମିସନରେଟ୍ ପୁଲିସ ନିଜ ହାତମୁଠାକୁ ଆହୁରି ଟାଣ କରିବା ଲାଗି 'ସହଭାଗିତା' ଯୋଜନା ହାତକୁ ନିଆଯାଇଛି। ସହରରେ ବ୍ୟବସାୟିକ ପ୍ରତିଷ୍ଠାନ, ସୁନା ଦୋକାନ, ବ୍ୟାଙ୍କ, ମଲ ଓ ହାଉସିଂ ଆପାର୍ଟମେଣ୍ଟରେ ଲାଗିଥିବା ସିସିଟିଭିଗୁଡ଼ିକର ଲିଙ୍କ୍‌କୁ ପୁଲିସ କଣ୍ଟ୍ରୋଲ୍ ରୁମ୍ ସହ ସଂଯୋଗ କରିବାକୁ ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି। ଏଥିରେ ସାମିଲ ହେବାକୁ ଲୋକଙ୍କ ସହଯୋଗ ଲୋଡ଼ାଯାଇଛି। ଏହାଦ୍ୱାରା ଅପରାଧୀଙ୍କୁ ଧରିବା ଓ ଅପରାଧ ନିୟନ୍ତ୍ରଣ କରିବାରେ ସହାୟକ ହେବ। ରାଜଧାନୀକୁ ଅଧିକ ସୁରକ୍ଷିତ କରିବାକୁ ସିସିଟିଭି ସର୍ଭେଲାନ୍ସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସିସିଟିଭି ସହ ସଂଯୋଗ ହୋଇଥିବା ଆଇପି ଠିକଣାକୁ ପୁଲିସ କଣ୍ଟ୍ରୋଲ୍ ରୁମ୍ ସହ ସଂଯୋଗ କରିବାକୁ ସହଯୋଗ ଲୋଡ଼ାଯାଇଛି।

## ରାଲିରେ ହେଲ୍‌ମେଟ ପିନ୍ଧିବା ବାଧ୍ୟତାମୂଳକ

ରାଲିରେ ହେଲ୍‌ମେଟ ପିନ୍ଧିବାକୁ ନିର୍ବାଚନ କମିସନରଙ୍କ ଦୃଷ୍ଟି ଆକର୍ଷଣ କରିବ କମିସନରେଟ୍ ପୁଲିସ। ଆଗକୁ ନିର୍ବାଚନ ଆସୁଥିବାରୁ ଭୁବନେଶ୍ୱରର ବିଭିନ୍ନ ରାଜନୈତିକ ସଂଗଠନ ପକ୍ଷରୁ ବଡ଼ ବଡ଼ ରାଲି ହେବ। ବଡ଼ ନେତା ଆସୁଥିବାରୁ ରାଲିରେ ପ୍ରବଳ ଜନସମାଗମ ହେବ। ଏବେଠାରୁ ମାହୋଲ୍ ବି ଜମିଲାଣି। କିନ୍ତୁ ରାଲିରେ ଆସୁଥିବା ଗାଡ଼ିଚାଳକ ହେଲମେଟ୍ ପିନ୍ଧୁନାହାନ୍ତି। ବିନା ହେଲମେଟ୍‌ରେ ସହର ସାରା ବୁଲୁଛନ୍ତି। ମାତ୍ର କମିସନରେଟ୍ ପୁଲିସ ନିକଟରେ ସମ୍ବଳ ଅଭାବ ଥିବାରୁ ବିନା ହେଲମେଟଧାରୀଙ୍କୁ ଧରିବା ଓ ଚିହ୍ନଟ ସମ୍ଭବନୁହେଁ। ତେବେ ନିର୍ବାଚନ ସମୟରେ ସମସ୍ତ ରାଜନୈତିକ ଦଳମାନେ ସେମାନଙ୍କ କର୍ମୀ କିମ୍ବା ରାଲିକୁ ଆସୁଥିବା ବ୍ୟକ୍ତିଙ୍କୁ ହେଲ୍‌ମେଟ୍ ପିନ୍ଧିବାକୁ କହିବେ। ପୁଲିସ ନିକଟରେ ସେଇ କ୍ଷମତା ନ ଥିବାରୁ ବେଳେ ସେମାନେ ନିର୍ବାଚନ କମିସନରଙ୍କୁ ଏ ବିଷୟରେ ଅବଗତ କରିବେ।



# ପୁଲିସ ପଞ୍ଝାରେ କାହ୍ନା-ବୁଦ୍ଧିଆ ଗ୍ୟାଙ୍ଗ୍

**ଭୁବନେଶ୍ୱର, ୫ ।୩(ସମିସ):**

କମିସନରେଟ୍ ପୁଲିସ ପଞ୍ଝାରେ ଛିନ୍‌ତାଇ ଗ୍ୟାଙ୍ଗ୍। ଦ୍ରୁତଗତିରେ ବାଇକରେ ଆସି ସୁନାଚେନ୍ ଓ ମୋବାଇଲ ଫୋନ୍ ଝାମ୍ପି ନେଉଥିବା କାହ୍ନା-ବୁଦ୍ଧିଆ ଗ୍ୟାଙ୍ଗକୁ

**ସୁନାଚେନ୍, ଦୁଇଟି ବାଇକ୍ ଜବତ**

**ଦୁହିଁଙ୍କ ନାଁରେ ୧୫ ମାମଲା, ଟିଆଇ ପରେଡ୍ କରିବ ପୁଲିସ**

ଗିରଫକରିଛି ଖାରବେଳନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ସହିଦନଗର ଥାନା ଭିଏସ୍‌ଏସ୍‌ନଗରର ରାକେଶ ସ୍ୱାଇଁ ଓରଫ ବୁଦ୍ଧିଆ(୨୮) ଏବଂ ୟୁନିଟ୍-୪ର କାହ୍ନା ତ୍ରିପାଠୀ (୨୭)। ତା'ଠାରୁ ସୁନାଚେନ୍, ୪ଟି ମୋବାଇଲ ଫୋନ୍ ଓ ଦୁଇଟି ବାଇକ୍ ଜବତ ହୋଇଛି। ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯିବା ସହ ଟିଆଇ ପରେଡ୍ କରାଯିବ ବୋଲି ଜୋନ୍ ଏସିପି ଶୁଭନାରାୟଣ ମୁଦୁଲି ସୂଚନା ଦେଇଛନ୍ତି।

ସେହିପରି ଅଭିଯୁକ୍ତମାନେ ଦ୍ୱୈତନଗରୀ ସମେତ ପୁରୀରେ ଅପରାଧର ଅପରେଟ୍ କରୁଥିଲେ। ଭୁବନେଶ୍ୱରର ପୁରୀ ରାସ୍ତାରେ ଲୁଟ୍‌ପାଟ୍ ବି



କରୁଥିଲେ। ଚଳନ୍ତା ବାଇକରେ ଯାଇ ସୁନାଚେନ୍ ଓ ମୋବାଇଲ ଫୋନ୍ ଝାମ୍ପି ନେଉଥିଲେ। ସେମାନଙ୍କ ନାମରେ ୧୫ଟି ଅପରାଧିକ ମାମଲା ରହିଛି। ସହିଦନଗର, ନୂଆପଲ୍ଲୀ, ଖାରବେଳ ନଗର, ମୈତ୍ରୀବିହାର, ସିଂହଦ୍ୱାର ଥାନାରେ ଚୋରି ଓ ଛିନ୍‌ତାଇ ମାମଲା ରହିଛି।

## ଚୋରି ସୁନାଚେନ୍ ବସ୍ତିରେ ବିକ୍ରି

ବର୍ଷେ ହେବ କାହ୍ନା ଓ ବୁଦ୍ଧିଆ ଦ୍ୱୈତନଗରୀ ସମେତ ପୁରୀରେ ସକ୍ରିୟ ରହିଥିଲେ। ମର୍କତନଗର ଓ ସହିଦ ନଗର ଥାନା ଅଞ୍ଚଳରୁ ଚୋରି ବାଇକରେ ଲୁଟୁଥିଲେ। ସେଇ ଚୋରି ବାଇକରେ ଭୁବନେଶ୍ୱରରେ ଛିନ୍‌ତାଇ କରୁଥିଲେ। ଫେବୃଆରୀ ୨୩ ତାରିଖରେ ପାରଦ୍ୱୀପର ସଞ୍ଜିତା ନାୟକ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭୁବନେଶ୍ୱର ଆସିଥିଲେ। ସ୍ୱାମୀଙ୍କ ସହ ସଞ୍ଜିତା ୟୁନିଟ୍-୪ରୁ ରବୀନ୍ଦ୍ର ମଣ୍ଡପ ବସ୍‌ଷ୍ଟପକୁ ଚାଲି ଚାଲି ଆସୁଥିଲେ। ସେହି ସମୟରେ କାହ୍ନା ଓ ବୁଦ୍ଧିଆ ଏକ ବାଇକରେ ଆସି ଲୋୟର ପିଏମ୍‌ଜି ପଟୁ ଆସି ରଞ୍ଜିତାଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଥିଲେ। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ସିସିଟିଭି ଆଧାରରେ ୨ଜଣଙ୍କୁ ଚିହ୍ନଟ କରିଥିଲା। ପରେ ସେମାନଙ୍କୁ ବିଭିନ୍ନ ସ୍ଥାନରୁ କାବୁ କରାଯାଇଥିଲା। ସେହିପରି କାହ୍ନା ଓ ବୁଦ୍ଧିଆ ସୁନାଚୋରି କଲା ପରେ ଛୋଟ ସୁନାଗହଣା ଦୋକାନରେ ବିକ୍ରିକରି ଦେଉଥିଲେ। ଆଉ କିଛି ସୁନାଗହଣାକୁ ବସ୍ତିରେ ରହୁଥିବା ଧନୀଶ୍ରେଣୀୟ ଲୋକଙ୍କୁ କମ୍‌ମୂଲ୍ୟରେ ବିକ୍ରି କରୁଥିଲେ।

## ୨ ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର, ୫ ।୩ (ସମିସ):** ମୋବାଇଲ୍ ଫୋନ୍ ଲୁଟ୍‌ପାଟ୍ କରି ବିକ୍ରି କରୁଥିବା ଲୁଟେରାକୁ ଗିରଫ କରିଛି କ୍ୟାପିଟାଲ୍ ଥାନା ପୁଲିସ। ଗିରଫ ଅଭିଯୁକ୍ତ ବାପୁଜୀନଗରର ଚିତ୍ତରଞ୍ଜନ ନାୟକ (୩୦)। ଧରାପଡ଼ିଥିବା ଚିତ୍ତରଞ୍ଜନ ବିଭିନ୍ନ ସ୍ଥାନରୁ ମୋବାଇଲ୍ ଫୋନ୍ ଲୁଟିବା ପରେ ୟୁନିଟ୍-୧ ହାଟରେ ବିକ୍ରି କରୁଥିଲା। ସେଠାରେ ପୁଲିସ ଚଢ଼ଉ କରି ଚିତ୍ତରଞ୍ଜନକୁ କାବୁ କରିବା ସହ ଦୁଇଟି ମୋବାଇଲ୍ ଫୋନ୍ ଜବତ କରିଥିଲା। ପୂର୍ବରୁ ଚିତ୍ତରଞ୍ଜନ ନାମରେ ୪ଟି ଥାନାରେ ୫ଟି ମାମଲା ରହିଛି। ସେହିପରି ଆଉ ଏକ ମାମଲାରେ ଶ୍ରୀକାନ୍ତ ସାହୁକୁ ଗିରଫ କରିଛି ଭରତପୁର ଥାନା ପୁଲିସ।

## ଯୁବକଙ୍କ ଆତ୍ମହତ୍ୟା

**ହଂସପାଳ, ୫।୩(ସମିସ):** ଏକ ଦୈନିକ ଖବରକାଗଜର ପ୍ରତିନିଧି ଭଞ୍ଜନଗରର ସରୋଜ କୁମାର ପଣ୍ଡା(୨୭)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମେଡିକାଲ୍‌କୁ ପଠାଇ ଦିଆଯାଇଛି। ମଞ୍ଚେଶ୍ୱର ଥାନା ପୁଲିସ ଘଟଣାର ତଦନ୍ତ ଜାରି ରଖିବା ସହ ଆଖପାଖ ଲୋକଙ୍କୁ ପଚରା ଉଚରା କରୁଛି। ଆତ୍ମହତ୍ୟା ର କାରଣ କିଛି ଜଣା ପଡ଼ିନି ବୋଲି ଥାନା ଅଧିକାରୀ ମାନସ ସ୍ୱାଇଁ ସୂଚନା ଦେଇଛନ୍ତି।

# ବିହାରରେ ଓଡ଼ିଶା ଗଞ୍ଜେଇର ଚାହିଦା

**ଭୁବନେଶ୍ୱର, ୫ ।୩(ସମିସ):**

ବିହାର ଏବଂ ୟୁପିରେ ଓଡ଼ିଶା ଗଞ୍ଜେଇର ଚାହିଦା ରହିଛି। ତେଣୁ ଓଡ଼ିଶାରୁ ପୁଳାପୁଳା ଗଞ୍ଜେଇ ପ୍ରତିଦିନ ରାଜଧାନୀ

**ରାଜଧାନୀ ଦେଇ ପାର୍ ହେଉଛି ଗଞ୍ଜେଇ ଗାଡ଼ି**

**ଜେଲ୍ ଗଲେ ଧରା ପଡ଼ିଥିବା ଚାଲାଣକାରୀ**

**ମାଷ୍ଟର୍‌ମାଇଣ୍ଡକୁ ଧରିବା ପାଇଁ ପଶ୍ଚିମବଙ୍ଗ ଯାଇଛି ଏକ ଟିମ୍**



ଦେଇ ରାଜ୍ୟ ବାହାରକୁ ଯାଉଛି। ସୋମବାର ଧରାପଡ଼ିଥିବା ଗଞ୍ଜେଇ ଚାଲାଣକାରୀଙ୍କଠାରୁ ଏଭଳି ସୂଚନା ପାଇଛି ଏସ୍‌ଟିଏଫ୍। ଗିରଫ ଚାଲାଣକାରୀମାନେ ହେଲେ ଉତ୍ତରପ୍ରଦେଶର ମହେନ୍ଦ୍ର ପାଲ, ବିହାରର ଅରୁଣ ମାହାତୋ ଏବଂ ୟୁପିର ସନି କୁମାର। ସେମାନଙ୍କ ନାଁରେ ଏନ୍‌ଡିପିଏସ୍ ମାମଲା ରୁଜୁକରି କୋର୍ଟ ଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ପରେ ଏହି ରାକେଟ୍ ପଛରେ ଥିବା ମାଷ୍ଟରମାଇଣ୍ଡଙ୍କ ନାମ ଜାଣିବାକୁ ପାଇଛି ଏସ୍‌ଟିଏଫ। ମାଷ୍ଟର୍‌ମାଇଣ୍ଡକୁ ଧରିବା ପାଇଁ ପଶ୍ଚିମବଙ୍ଗ ଯାଇଛି ତଦନ୍ତକାରୀ ଟିମ୍। ଏସ୍‌ଟିଏଫ ସୂଚନା ଅନୁସାରେ, ଟ୍ରକଟି ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ ବିହାର ଯାଉଥିବା ବେଳେ ବ୍ରହ୍ମପୁର ନିକଟରେ ଗଞ୍ଜେଇ ଭର୍ତ୍ତି କରାଯାଇଥିଲା। ଆଉ ଗାଡ଼ି କୁଆଡ଼େ କେମିତି ଯିବ ତାହା ଅପରେଟ୍ କରୁଥିଲା ଟ୍ରେନ୍‌ରେ ଯାତ୍ରା କରୁଥିବା ମୁଖ୍ୟ ଅଭିଯୁକ୍ତ। ଟ୍ରକ୍‌ଟି ଭୁବନେଶ୍ୱରର ପଳାଶୁଣିରେ ଧରାପଡ଼ିବା ପରେ ଅଭିଯୁକ୍ତ ସିମ୍ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ତେଣୁ ଘଟଣାର ମାଷ୍ଟର୍‌ମାଇଣ୍ଡକୁ ଧରିବା ପାଇଁ ପଶ୍ଚିମବଙ୍ଗ ଯାଇଛି ଏକ ଟିମ୍। ଟ୍ରକରେ ସୋମବାର ବିଳମ୍ବିତ ରାତିରେ ଏମାନେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଏମାନଙ୍କୁ ପଳାଶୁଣି ଛକରୁ ମାଡ଼ି ବସିଥିଲା ଏସ୍‌ଟିଏଫ୍‌ର ସ୍ୱତନ୍ତ୍ର ଟିମ୍। ଯାଞ୍ଚ ବେଳେ ଟ୍ରକ ଭିତରୁ ମିଳିଥିଲା ୧୪୮ କେଜିର ଗଞ୍ଜେଇ। ଆନ୍ଧ୍ରପ୍ରଦେଶରୁ ଏହି ଟକ୍ ବାହାରି ବ୍ରହ୍ମପୁର ଠାରୁ ଗଞ୍ଜେଇ ନେଇ ଏ ୩ଜଣ ଅଭିଯୁକ୍ତ ବିହାର ଯାଉଥିବା ବେଳେ ବିଶ୍ୱସ୍ତ ସୁତ୍ରରୁ ଖବର ପାଇ ଚଢ଼ଉ କରିଥିଲା ଏସ୍‌ଟିଏଫ୍। ଗଞ୍ଜେଇ ଚୋରାଚାଲାଣ କରିବା ପାଇଁ ଅଭିନବ ଉପାୟ ଆପଣେଇଥିଲେ ଏହି ଅଭିଯୁକ୍ତ। ଆନ୍ଧ୍ରରୁ ଟ୍ରକରେ ବ୍ୟାଟେରୀ ବୋଝେଇ କରିଥିଲେ। ବ୍ୟାଟେରୀ ବୋଝେଇ ପରେ ଟ୍ରକରେ ବ୍ରହ୍ମପୁର ଆସିଥିଲେ। ବ୍ରହ୍ମପୁରରେ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ ଗଞ୍ଜେଇ ଲୁଚାଇଥିଲା। ଗଞ୍ଜାମ ଓ ଗଜପତି ଅଞ୍ଚଳରୁ ଆସିଥିଲା ଗଞ୍ଜେଇ। ବ୍ୟାଟେରୀ ତଳେ ଲୁଚାଯାଇଥିଲା ଗଞ୍ଜେଇ। ବଡ଼ କଥା ହେଲା, ପୂରା ଘଟଣାର ମାଷ୍ଟର୍ ମାଇଣ୍ଡ ଟ୍ରକରେ ନ ଯାଇ ଟ୍ରେନରେ ବିହାର ଯାଉଥିଲା। ଆଉ ଟ୍ରକରେ ଥିବା ସହଯୋଗୀଙ୍କ ସହ ନିୟମିତ ଫୋନରେ ଯୋଗାଯୋଗ ରଖୁଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଏବେବି ଫେରାର ରହିଥିବା ବେଳେ ତାକୁ ଧରିବା ପାଇଁ ଏସ୍‌ଟିଏଫର ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି।

# ଚିନ୍ତା ବଢ଼ାଉଛି ମୁକୁଳା ଟ୍ରାନ୍ସଫର୍ମର



**ଭୁବନେଶ୍ୱର, ୫।୩ (ସମିସ):** ବିପଦପୂର୍ଣ୍ଣ ଅବସ୍ଥାରେ ପଡ଼ିରହିଛି ଟ୍ରାନ୍ସଫର୍ମର। ଯାହାପ୍ରତି କାହାରି ନଜର ଯାଉନାହିଁ। ଲୋକଙ୍କ ସୁରକ୍ଷା ଓ ବିପଦକୁ ଏଡ଼ାଇବା ପାଇଁ ଚାରିପଟେ ପାଚେରି ରହିଥାଏ। ହେଲେ କଳ୍ପନା ଛକରୁ ତଳ ରାସ୍ତା ଦେଇ ରାଜମହଲ ଛକ ଆଡ଼କୁ ଆସିଲେ ବସ୍‌ଷ୍ଟପଠାରୁ କିଛି ଦୂରରେ ରହିଛି ଏପରି ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମର।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୪୨ ଅଧୀନ ଏହି ସ୍ଥାନରେ ଥିବା ଟ୍ରାନ୍ସଫର୍ମର ଚାରିପଟେ କୌଣସି ପାଚେରି ନାହିଁ। ପୂର୍ବରୁ ଯେଉଁ ପାଚେରି ହୋଇଥିଲା ତାହା ଦୀର୍ଘବର୍ଷ ହେଲା ଭାଙ୍ଗିଯାଇଛି। ଏହି ବାଟ ଦେଇ ପ୍ରତିଦିନ କଲେଜ, ସ୍କୁଲ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଯାତାୟତ କରୁଛନ୍ତି। ହେଲେ ରାସ୍ତାକଡ଼ରେ ଏପରି ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଥିବାରୁ ଅନେକ ସମୟରେ ଜୀବଜନ୍ତୁଙ୍କଠୁ ଆରମ୍ଭକରି ଲୋକମାନଙ୍କ ଜୀବନ ପାଇଁ ବିପଦର କାରଣ ପାଲଟିଛି। ରାତିରେ ହଠାତ ଅଜାଣତରେ କେହି ଦୁର୍ଘଟଣାର ଶିକାର ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଛୋଟ ଛୋଟ ପିଲାଙ୍କ ପାଇଁ ଏହା ସବୁଠୁ ଅଧିକା ବିପଦର କାରଣ ପାଲଟିଛି। ଟ୍ରାନ୍ସଫର୍ମରଟି ଦୀର୍ଘ ୪/୫ ବର୍ଷ ହେଲା ଏଭଳି ମୁକୁଳା ହୋଇ ପଡ଼ିରହିଛି। ଏ ନେଇ ବାରମ୍ବାର ସ୍ଥାନୀୟ ଲୋକେ ଅଭିଯୋଗ କରୁଥିଲେ ମଧ୍ୟ କୌଣସି ସମାଧାନର ପନ୍ଥା ଏପର୍ଯ୍ୟନ୍ତ ବାହାରିପାରି ନାହିଁ। ଏ ନେଇ ସ୍ଥାନୀୟ କର୍ପୋରେଟର ଆଶିଷ କୁମାର ପଟ୍ଟନାୟକ କହିଛନ୍ତି ଯେ ଏହି ସମସ୍ୟା ବିଷୟରେ ଅନେକ ଥର କଳ୍ପନା -୧ରେ ଥିବା ବିଦ୍ୟୁତ କାର୍ଯ୍ୟାଳୟରେ ଅଭିଯୋଗ ହୋଇଥିଲେ ମଧ୍ୟ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ପୂର୍ବ କର୍ପୋରେଟର ମଧ୍ୟ ଏହି ସମସ୍ୟା ନେଇ ଅଭିଯୋଗ କରିଥିଲେ ମଧ୍ୟ ଏଥିପ୍ରତି ଦୃଷ୍ଟି ଦିଆଯାଉ ନାହିଁ ବୋଲି ସେ କହିଛନ୍ତି।



# ବିଜୁ ବାବୁଙ୍କୁ ରାଜଧାନୀରେ ଶ୍ରଦ୍ଧାଞ୍ଜଳି



ବିଧାନସଭା ପରିସର



ଶଙ୍ଖ ଭବନ

ଭୁବନେଶ୍ୱର, ୫।୩(ସମିସ): ସ୍ୱାଧୀନତା ସଂଗ୍ରାମୀ, ଝଡ଼ର ଇଗଲ୍, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୧୦୮ତମ ଜୟନ୍ତୀରେ ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛି ବିଜୁ ଜନତା ଦଳ। ଆଜି ସକାଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଫରେଷ୍ଟ ପାର୍କ ଏବଂ ବିଧାନସଭା ପରିସରରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ସେହିପରି ବିଜୁ ଜନତା ଦଳ ରାଜ୍ୟ କାର୍ଯ୍ୟାଳୟ ପରିସରରେ ବିଜେଡି ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସବର୍ମାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ରାଜ୍ୟସଭା ସାଂସଦ ଡ. ଅମର ପଟ୍ଟନାୟକ, ସୁଲତା ଦେଓ, ଡ. ସସ୍ମିତ ପାତ୍ର, ରାଷ୍ଟ୍ରୀୟ ମୁଖପାତ୍ର ଡ. ସଂତୃପ୍ତ ମିଶ୍ର, ମେୟର ସୁଲୋଚନା ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଶ୍ରୀମୟୀ ମିଶ୍ର, ଡେପୁଟି ମେୟର ମଞ୍ଜୁଲତା କହଁର, ଅମରେଶ ଜେନା, ବିରଞ୍ଚି ନାରାୟଣ ମହାସୂପକାର, ଇପ୍ସିତା ସାହୁ, ଦୁର୍ଗା ସାମନ୍ତରାୟ, ଦ୍ରୁମ୍ନନାଥ ପଣ୍ଡା, ଡ. ପ୍ରିୟବ୍ରତ ମାଝୀ, ଅଂଶୁମାନ ମହାନ୍ତି, ଦଳର ସମସ୍ତ କର୍ପୋରେଟର, ଛାମୁଆ ସଂଗଠନର କର୍ମକର୍ତ୍ତା, ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ର ବିକାଶରେ ବିଜୁ ବାବୁଙ୍କ ଅବଦାନକୁ ସ୍ମରଣ କରିଥିଲେ।

ସେହପରି ଦଳର ବରିଷ୍ଠ ନେତୃମଣ୍ଡଳୀ ଆଜି କ୍ୟାପିଟାଲ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହ ବିଭିନ୍ନ ୱାର୍ଡରେ ଆୟୋଜିତ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ଏକ ସାଇକଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

## ଚନ୍ଦକା ଡିଗ୍ରୀ କଲେଜରେ 'ନୂଆ-ଓ' ଛାତ୍ରବୃତ୍ତି

ଭୁବନେଶ୍ୱର, ୫।୩(ସମିସ): ଚନ୍ଦକା ଡିଗ୍ରୀ ମହାବିଦ୍ୟାଳୟରେ 'ନୂଆ-ଓ' ଛାତ୍ରବୃତ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥି ଭାବେ ଚନ୍ଦକା ସରପଞ୍ଚ ଅଜୟ କୁମାର ବେହେରା ଓ ବିଜୁ ଛାତ୍ର ଜନତା ଦଳ ଉପସଭାପତି ତଥା ରାଜ୍ୟ ସମାଜ କଲ୍ୟାଣ ବୋର୍ଡ ସଦସ୍ୟା ଦେବସ୍ମିତା ଦାସ ଯୋଗ ଦେଇଥିଲେ। କଲେଜର ସମ୍ପାଦକ ଅକ୍ଷୟ କୁମାର ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ନୋଡାଲ ଅଫିସର ତଥା ଅଧ୍ୟକ୍ଷ ଅବିନାଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଇତିହାସ ଅଧ୍ୟାପକ ରଘୁନାଥ ଖିଲାର ସ୍ୱାଗତ ଭାଷଣ ଦେଇଥିଲେ। ବରିଷ୍ଠ ଅଧ୍ୟାପକ ଶରତ କୁମାର ସୁନ୍ଦରାୟ ଧନ୍ୟବାଦ ଦେଇଥଲେ।

## ବିଜୟ ସୁନ୍ଦରରାୟଙ୍କ ୨ ପୁସ୍ତକ ଉନ୍ମୋଚିତ

ଭୁବନେଶ୍ୱର, ୫।୩(ସମିସ): ଅବସରପ୍ରାପ୍ତ ଆଇଏଏସ୍ ଅଫିସର କବି ଏବଂ ଲେଖକ ବିଜୟ କିଶୋର ସୁନ୍ଦରରାୟଙ୍କ ଦ୍ୱାରା ରଚିତ ଦୁଇଟି ପୁସ୍ତକ ଏକ ହୋଟେଲ ପ୍ରେକ୍ଷାଳୟରେ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚିତ ପୁସ୍ତକଗୁଡ଼ିକ ହେଲା ଇଂରାଜୀ ଉପନ୍ୟାସ 'ଡଟରସ ଅଫ୍ ରେଜିଲିଏନ୍ସ୍' ଓ ଇଂରାଜୀ କବିତା ସଂକଳନ 'ସମଥିଙ୍ଗ ଗୋଜ ବିୟଣ୍ଡ ମି'। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବୈଦେଶିକ ସଚିବ ତଥା ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ଲଳିତ ମାନସିଂହ, ସମ୍ମାନିତ ଅତିଥି ଭାବେ ସାହିତ୍ୟିକା ଶକୁନ୍ତଳା ବଳିୟାରସିଂହ ଡକ୍ଟର ଲାଲୁ ମାନସିଂହ ଯୋଗ ଦେଇଥିଲେ। ଶେଷରେ କୁମାରୀ ଦ୍ୱୀପନ୍ୱିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ, '୫-ଟି' ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜଣାଇଲା 'ଉତ୍କଳ' ଛାତ୍ର ବିଜେଡି

ଭୁବନେଶ୍ୱର, ୫।୩ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ 'ନୂଆ -ଓ ' ଛାତ୍ରବୃତ୍ତି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ୨୬୮୬ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ୨.୬୫ କୋଟି ଟଙ୍କା '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା। ଏହି ପରୀପ୍ରେକ୍ଷୀରେ ଉତ୍କଳ ବିଶ୍ୱବିଦ୍ୟାଳୟ ଛାତ୍ର ବିଜେଡି ତଥା ବିଜେଡିର ରାଜ୍ୟ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅମିତ ଜେନା, ଦେବେଶ ଦାସ, ଅଶୋକ ନାୟକ, ସ୍ୱରୂପ ମଲ୍ଲିକ, ପ୍ରକାଶ ଚନ୍ଦ୍ର ଦାସ, ସୌମ୍ୟରଞ୍ଜନ ପ୍ରଧାନ, ଶାଶ୍ୱତ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଶ୍ରୀ ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି।



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀଙ୍କୁ ବିଦାୟ ଦେଉଛନ୍ତି ମୁଖ୍ୟମନ୍ତ୍ରୀ

## ଆଜିଠୁ 'ଉତ୍କଳ'ରେ ଉତ୍ସବ ଓଡ଼ିଶା

ଭୁବନେଶ୍ୱର, ୫।୩(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ ଅଫ୍ ମିଡିଆ ଷ୍ଟଡିଜ୍ ପକ୍ଷରୁ ଜାତୀୟ ସଂହତି ଓ ସଂସ୍କୃତି ପର୍ବ 'ଉତ୍ସବ ଓଡ଼ିଶା' ଅନୁଷ୍ଠିତ ହେବ। ବୁଧ ଓ ଗୁରୁବାର ଦୁଇଦିନ ଧରି ବାଣୀବିହାର ଏମ୍‌କେସିଜି ପ୍ରେକ୍ଷାଳୟରେ ଏହା ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶାର ଗୌରବମୟ ଇତିହାସ, ଐତିହ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ଜାତୀୟ ସଂହତିରେ ରାଜ୍ୟର ଅବଦାନ ବିଷୟରେ ଆଲୋଚନା କରାଯିବ। ଦୁଇଟି ବୈଷୟିକ ଅଧିବେଶନରେ ବହୁ ବିଶେଷଜ୍ଞ, ଐତିହାସିକ, ଗବେଷକ ଯୋଗଦେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲେଖକ ହରପ୍ରସାଦ ଦାସ, ସଂସ୍କୃତି ବିଭାଗର ପୂର୍ବତନ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ, କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଭାରତୀୟ ଭାଷା ସମିତିର ବରିଷ୍ଠ ଉପଦେଷ୍ଟା ନିଶାମଣି କର ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗର ସ୍ୱତନ୍ତ୍ର ସଚିବ ନିହାରରଞ୍ଜନ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ଶାନ୍ତନୁ ଆଚାର୍ଯ୍ୟ, ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ସଞ୍ଜୟ ଶତପଥୀ, ସମାଜସେବୀ ଜଗଦାନନ୍ଦ, କୁଳସଚିବ କାହ୍ନୁ ଚରଣ ଧୀର ଏବଂ ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଉତ୍ସବର ଆବାହକ ତଥା ଇନଷ୍ଟିଚ୍ୟୁଟ ଅଫ୍ ମିଡିଆ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଉପେନ୍ଦ୍ର ପାଢ଼ୀ ସୂଚନା ଦେଇଛନ୍ତି।

## ଗୋ-ଚାଲାଣ ଅଭିଯୋଗରେ ଯୁବକ ଗିରଫ

ହଂସପାଳ, ୫।୩ (ସମିସ): ବେଆଇନ ଗୋରୁ ଚାଲାଣ ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୁଲିସ ବାଲେଶ୍ୱର ହରିପୁର ଯାବିଦ୍ ଖାଁ (୨୬), ପାଣିକୋଇଲିର ଯାଜପୁରର ଅମରେନ୍ଦ୍ର ବେହେରା(୩୪)କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଗୋରୁ ବୋଝେଇ ମହିନ୍ଦ୍ରା ପିକଅପ୍ ଗାଡ଼ିକୁ ଜବତ କରିଛି। ସୂଚନା ଅନୁସାରେ ଅଭିଯୁକ୍ତ ଦୁଇ ଜଣ ଭୁବନେଶ୍ୱରର ଆଖପାଖ ଅଞ୍ଚଳରୁ ଗୋରୁ ନେଇ ଯାଜପୁର ରେ ବିକ୍ରି କରୁଥିବାର ଅଭିଯୋଗ ହୋଇଥିଲା। ଥାନା ଅଧିକାରୀ ମାନସ ସ୍ୱାଇଁ ଘଟଣା ର ତଦନ୍ତ କରିବା ସହ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

## ଓଡ଼ିଶାରେ ଭଲ ପ୍ରଦର୍ଶନ କରିବ କଂଗ୍ରେସ: ପୱନ ଖେରା





ଭୁବନେଶ୍ୱର, ୫।୩(ସମିସ): ଆସନ୍ତା ନିର୍ବାଚନରେ ଓଡ଼ିଶାରେ କଂଗ୍ରେସ ଭଲ ପ୍ରଦର୍ଶନ କରିବ। ଏଥିପାଇଁ କଂଗ୍ରେସର କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି। ସେଥିପାଇଁ ବିଜେପି ନେତାମାନେ ଭୟଭୀତ ହୋଇପଡ଼ିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀ ବାରମ୍ବାର ଓଡ଼ିଶା ଆସୁଛନ୍ତି ବୋଲି ଏଆଇସିସି ଗଣମାଧ୍ୟମ ଅଧ୍ୟକ୍ଷ ପୱନ ଖେରା କହିଛନ୍ତି। ମଙ୍ଗଳବାର ପିସିସି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଖେରା କହିଛନ୍ତି ଯେ ଗତ ୧୦ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କୁ ଦେଇଥିବା ଅନେକ ପ୍ରତିଶ୍ରୁତି ଅଦ୍ୟାବଧି ପୂରଣ କରିନାହାନ୍ତି। ଦେଶର ଯୁବପିଢ଼ି, ଚାଷୀ, ମହିଳା ଓ ଆଦିବାସୀଙ୍କ ପ୍ରତି ଅନ୍ୟାୟ ବଢ଼ି ଚାଲିଛି। ପ୍ରତି ଏକ ଘଣ୍ଟାରେ ଦେଶରେ ୨ଜଣ ଯୁବକ, ୨ଜଣ ଚାଷୀ ଆତ୍ମହତ୍ୟା କରୁଛନ୍ତି। ହେଲେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ନ୍ୟାୟ ଦେବାରେ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି। କିନ୍ତୁ କଂଗ୍ରେସ ଶାସନକୁ ଆସିଲେ ଏସବୁ ଅନ୍ୟାୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଏଆଇସିସି ଗଣମାଧ୍ୟମ ଅଧ୍ୟକ୍ଷ ପୱନ ଖେରା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଓପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ଡ. ବିଶ୍ୱରଞ୍ଜନ ମହାନ୍ତି, ଏଆଇସିସି ମିଡିଆ ସଂଯୋଜିକା ବବିତା ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

## କେଏଲ୍ ବିଶ୍ୱବିଦ୍ୟାଳୟର ମେରିଟ୍ ସ୍କଲାରସିପ୍

ଭୁବନେଶ୍ୱର, ୫।୩(ସମିସ): କେଏଲ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ମେରିଟ୍ ସ୍କଲାରସିପ୍‌ର ଶୁଭାରମ୍ଭ କରାଯାଇଛି। ପ୍ରତିବର୍ଷ ଜେଇଇ ଓ ନିଟ୍ ପ୍ରବେଶିକା ପରୀକ୍ଷାକୁ କେଏଲ୍‌ଇଇଇ ନାମକରଣ କରାଯାଇ ଜେଇଇରେ ୯୬ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ଶତ ପ୍ରତିଶତ ଟ୍ୟୁସନ ଫି ଛାଡ଼ କରାଯାଉଛି। ତୃତୀୟ ପର୍ଯ୍ୟାୟ ପ୍ରବେଶିକା ପରୀକ୍ଷା ଏପ୍ରିଲ ୧୫ ତାରିଖରୁ ଆରମ୍ଭ ହେବ। ସତ୍ୟନଗରସ୍ଥିତ ଏକ ହୋଟେଲ୍‌ରେ ଅନୁଷ୍ଠିତ ଏହାର ମେରିଟ୍ ସ୍କଲାରସିପ୍ ପୋଷ୍ଟର୍‌ର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଅତିଥି ଭାବେ ବିଧାୟକ ଅନନ୍ତ ନାରାୟଣ ଜେନା, ନିର୍ଦ୍ଦେଶକ ଡ. ଜେ ଶ୍ରୀନିବାସ ରାଓ, ଜୋନାଲ୍ ହେଡ୍ ଆର୍ ଶିବ କୁମାର ଓ ଆଡିମିସନ ମ୍ୟାନେଜର୍ ପ୍ରଗତି ଦାଶ ପ୍ରମୁଖ ଉପସ୍ଥିତ ରହି ବୃତ୍ତି ଓ ଶିକ୍ଷା ପଦ୍ଧତି ଉପରେ ଆଲୋକପାତ କରିଥିଲେ।

## ଆଇଆଇଟିରେ ପୋଲିଓ ଟିକାକରଣ



ଭୁବନେଶ୍ୱର, ୫।୩(ସମିସ): ଭାରତୀୟ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଆଇଆଇଟି) ପକ୍ଷରୁ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ପ୍ରତିଷ୍ଠାନର ସଞ୍ଜୀବନୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚାଲିଥିବା ପଲ୍ସ ପୋଲିଓ ଟିକାକରଣ କାର୍ଯ୍ୟକ୍ରମ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୋଟ୍ ୫ ବର୍ଷରୁ କମ୍ ବୟସର ୭୬ ଜଣ ଶିଶୁଙ୍କୁ ପଲ୍ସ ପୋଲିଓ ପ୍ରତିଷେଧକ ବୁନ୍ଦା ପ୍ରଦାନ କରାଯାଇଛି। ପ୍ରତିଷ୍ଠାନରେ କାର୍ଯ୍ୟରତ ଥିବା ପ୍ରବାସୀ ଶ୍ରମିକଙ୍କ ୧୫ ଜଣ ଶିଶୁଙ୍କୁ ମଧ୍ୟ ପୋଲିଓ ବୁନ୍ଦା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମ ସମ୍ପର୍କରେ ଆଇଆଇଟିର ଚିକିତ୍ସା ଅଧିକାରୀ ଡ. ମନସୁର ଅହମ୍ମଦ ଖାନ କହିଛନ୍ତି, ଶିଶୁଙ୍କ ପାଇଁ ପୋଲିଓ ଟିକାକରଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଅନ୍ୟମାନଙ୍କ ମଧ୍ୟରେ ଜଟଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ସୋନାଲିକା ନାଏକ, ଏଏନ୍‌ଏମ୍ ଟୁକୁନା ମିଶ୍ର, ସଞ୍ଜୀବନୀ କେନ୍ଦ୍ରର ଫାର୍ମାସିଷ୍ଟ ଡି. କର୍ଣ୍ଣନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି।

## ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ୍ ପକ୍ଷରୁ ଦ୍ୱିତୀୟ ଛନ୍ଦବିଭା

ଭୁବନେଶ୍ୱର, ୫।୩(ସମିସ): ଓଡିଶୀ ଡ୍ୟାନ୍ସ କ୍ରିଏସନ୍ ଦ୍ୱାରା ଆୟୋଜିତ ଦ୍ୱିତୀୟ ଛନ୍ଦବିଭା ସ୍ଥାନୀୟ ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଆୟକର ମୁଖ୍ୟ ଆୟୁକ୍ତ ଅଶୋକ କୁମାର ତ୍ରିପାଠୀ ଏବଂ ଓଡ଼ିଆ ଭାଷା ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଗୁରୁ କୁମ୍‌କୁମ୍ ମହାନ୍ତି, ଗୁରୁ ଡ. ବିଜୟ କୁମାର ଜେନା ଏବଂ ଗୁରୁ ବିଜୟ କୁମାର ବାରିକଙ୍କୁ ଛନ୍ଦ ବିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ୫ ହଜାର ଟଙ୍କା ସହ ସେମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ପ୍ରଥମେ ଗୁରୁ ବିଜୟ କୁମାର ଜେନା ଏକକ ଓଡ଼ିଶୀ ଗାୟନରୁ ଆରମ୍ଭ ହୋଇ ପରେ ଗୁରୁ ଅରୁଣା ମହାନ୍ତି ଓଡ଼ିଶୀ ଏକକ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ଓଡ଼ିଶୀ ଡ୍ୟାନ୍ସ କ୍ରିଏସନ ଦ୍ୱାରା ପ୍ରତିଷ୍ଠାତା ନିର୍ଦ୍ଦେଶକ ତଥା ନୃତ୍ୟଶିଳ୍ପୀ ପଙ୍କଜ କୁମାର ପ୍ରଧାନ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

## ଉମାଶଙ୍କର ମିଶ୍ରଙ୍କ 'ତ୍ରିତୟ' ଉନ୍ମୋଚିତ



ଭୁବନେଶ୍ୱର, ୫।୩(ସମିସ): ସତୀର୍ଥ ଆନୁକୂଲ୍ୟରେ ଭାଷା ପ୍ରକାଶନ ଦ୍ୱାରା ପ୍ରକାଶିତ ଔପନ୍ୟାସିକ ଉମାଶଙ୍କର ମିଶ୍ରଙ୍କ ଉପନ୍ୟାସ ସଂକଳନ 'ତ୍ରିତୟ'ର ଉନ୍ମୋଚନ ଉତ୍ସବ ବୁଲନ୍ ଭାଇ ଭବନଠାରେ ହୋଇଯାଇଛି। ଏଥିରେ ପ୍ରାବନ୍ଧିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ ଅଧ୍ୟକ୍ଷତା କରିଥିବାବେଳେ ଅତିଥି ଭାବେ ସାହିତ୍ୟିକ ଦାଶ ବେନହୁର ଯୋଗଦେଇଥିଲେ। ଅନୁବାଦକ ସୁଭାଷ ଚନ୍ଦ୍ର ଶତପଥୀ ପୁସ୍ତକର ସମୀକ୍ଷା କରିଥିଲେ। ଏହି ଅବସରରେ ଲେଖକ ଉମାଶଙ୍କର ମିଶ୍ର ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ସତୀର୍ଥର ଆବାହକ ବରିଷ୍ଠ ସାମ୍ବାଦିକ ସନ୍ଦୀପ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। କଥାକାର ବିରାଜ ମୋହନ ଦାସ ଧନ୍ୟବାଦ ଦେଇଥିଲେ। ଉତ୍ସବକୁ ପ୍ରାଚୀତାରା ମିଶ୍ର ସଂଯୋଜନା କରିଥିବାବେଳେ ମନୀଷା ମିଶ୍ର ପରିଚାଳନା କରିଥିଲେ।

## ବ୍ରହ୍ମେଶ୍ୱରଜିଉଙ୍କ ଜାଗରଯାତ୍ରା ପ୍ରସ୍ତୁତି



ଧଉଳି ନିକଟ ମଦନପୁରରେ ଜାଗର ପାଇଁ ଦୀପ ପ୍ରସ୍ତୁତିରେ ଲାଗିଛନ୍ତି କୁମ୍ଭକାର (ଫଟୋ- ଦୀପକ)

ଭୁବନେଶ୍ୱର, ୫।୩(ସମିସ):

ବ୍ରହ୍ମେଶ୍ୱରପାଟଣା ଆରାଧ୍ୟ ଦେବତା ବ୍ରହ୍ମେଶ୍ୱରଜିଉଙ୍କ ଚଳିତବର୍ଷ ଜାଗର ଯାତ୍ରା ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜିଉଙ୍କ ପୀଠରେ ଟ୍ରଷ୍ଟି ସଦସ୍ୟ ପୁଷ୍ପା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଯାତ୍ରା ସମ୍ପର୍କରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଯାତ୍ରା ସମୟରେ ମନ୍ଦିର ଦ୍ୱାର ଫିଟା ଭୋର ୩ଟାରେ କରାଯାଇ ୪ଟା ସୁଦ୍ଧା ବେଶ ନୀତି ସମ୍ପନ୍ନ ହେବ। ଭୋର ୪ଟାରୁ ୬ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ ନିମନ୍ତେ ଅନୁମତି ଦିଆଯିବ। ସେହିପରି ଅପରାହ୍ଣ ୩ଟାରୁ ସାଢ଼େ ୫ଟା ପର୍ଯ୍ୟନ୍ତ ସାହାଣମେଳା ଦର୍ଶନ ଶ୍ରଦ୍ଧାଳୁଙ୍କ ନିମନ୍ତେ ଉପଲବ୍ଧ ହେବ। ମହାଦୀପ ରାତି ୧୦ଟା ୩୦ରେ ଉଠିବ ବୋଲି ନିଷ୍ପତ୍ତି ହୋଇଛି। ପୀଠରେ ଶ୍ରଦ୍ଧାଳୁଙ୍କୁ ସମର୍ପଣ କରି ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ବେଦ ପାଠ କରାଯିବ। ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ରହିଛି। ଏଥିରେ ବମ୍ବେର ଶିଳ୍ପୀ ଅନନ୍ତ ଭରଦ୍ୱାଜଙ୍କ ସହିତ ଶିଳ୍ପୀ ଶୈଳଭାମା, ଆଦର୍ଶ, ଉର୍ମି, ତୃପ୍ତି ନାୟକ, ସତ୍ୟବ୍ରତ ମଲ୍ଲିକ ପ୍ରମୁଖ ବହୁ ଶିଳ୍ପୀ ଭଜନ ପରିବେଷଣ କରିବେ। ମହାଦୀପ ଉଠିବା ପରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ରହିଛି। ଏଥିରେ ପ୍ରାୟ ୧୦, ୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟବସ୍ଥା କରାଯିବ। ବୈଠକରେ ଟ୍ରଷ୍ଟର ସଦସ୍ୟ ପ୍ରତିଭା ଭଞ୍ଜ, ଦେବ ନାରାୟଣ ମହାନ୍ତି, ଅଶୋକ ଦାସ, ସିଲନ ଦାସ, ଗୋପାଳ ସାହୁଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ଭଗବାନପୁର ସ୍କୁଲରେ 'ମୋ ସ୍କୁଲ୍' ଉତ୍ସବ



ଭୁବନେଶ୍ୱର, ୫।୩(ସମିସ): ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟସ୍ତରୀୟ 'ମୋ ସ୍କୁଲ୍' ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ 'ମୋ ସ୍କୁଲ' କମିଟିର ବରିଷ୍ଠ ସଭ୍ୟ ରବୀନ୍ଦ୍ର ନାଥ ସାହୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜ୍ଞାପନ ପତ୍ର ସମସ୍ତ ସଭ୍ୟ ଓ ସଭ୍ୟାମାନଙ୍କୁ ବଣ୍ଟନ କରାଯାଇଥିଲା। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କଳ୍ପନା ବେହେରା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସଦସ୍ୟ ଟଙ୍କଧର ଚମ୍ପତି, ଅଭିମନ୍ୟୁ ଚମ୍ପତି, ଚରଣ ଚମ୍ପତି, ତନୁଜା କାନୁନଗୋଙ୍କ ସମେତ ମୋ' ସ୍କୁଲ କମିଟିର ସଦସ୍ୟ, ସଦସ୍ୟା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।



## ଭୁବନେଶ୍ୱର ସିଟି

# ଜୟନ୍ତୀରେ ବିଜୁମୟ ହେଲା ରାଜଧାନୀ

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ରାଜଧାନୀର ବିଭିନ୍ନ ସଂଗଠନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା । ବିଶେଷକରି ରାଜଧାନୀର ବିଜୁ ପଟ୍ଟନାୟକ ପାର୍କ (ଫରେଷ୍ଟ ପାର୍କ) ଠାରୁ ଆରମ୍ଭ କରି ଉପକଣ୍ଠବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ସଂଗଠନ ପକ୍ଷରୁ ସ୍ମୃତିଚାରଣ ସଭା, ଶ୍ରଦ୍ଧାଞ୍ଜଳି ସଭା ଏବଂ ଆଲୋଚନାଚକ୍ର ଓ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା ।

ଭୁବନେଶ୍ୱର, ୫।୩(ସମିସ):

ଓଡ଼ିଶାର ବରପୁତ୍ର ମହାନ ଜନକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀରେ ବିଜୁ ଜନତା ଦଳ ଭୁବନେଶ୍ୱର ମଧ୍ୟ

### ସାଇକଲ୍ ଶୋଭାଯାତ୍ରାରେ ବିଜୁଙ୍କୁ ସ୍ମରଣ

### ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କୁ ମିଠା ବଣ୍ଟନ

### ୩ ଜଣଙ୍କୁ ବିଜୁ ସାହସିକତା ପୁରସ୍କାର

ନିର୍ବାଚନମଣ୍ଡଳୀ ତରଫରୁ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ନେତୃତ୍ୱରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ସହିତ ସ୍ମୃତିସଭା ଆୟୋଜନ ହୋଇଯାଇଛି । ମଙ୍ଗଳବାର ବିଜୁ ବାବୁଙ୍କ ଜନ୍ମଦିନରେ ସକାଳ ୮ ଘଟିକା ସମୟରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ତତ୍ତ୍ୱାବଧାନରେ ଏବଂ କୋଠାବାଡ଼ି ଓ ଶ୍ରମିକ କଲ୍ୟାଣ ବୋର୍ଡ଼ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ରଙ୍କ ଉପସ୍ଥିତିରେ ଯୁବଛାତ୍ରଙ୍କ ନେତୃତ୍ୱରେ ୟୁନିଟ୍ - ୩ ସ୍ଥିତ ରାମ ମନ୍ଦିର ସମ୍ମୁଖରୁ ସାଇକଲ୍ ଶୋଭାଯାତ୍ରା ବାହାରି ବିମାନ ବନ୍ଦରସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନନ୍ତ ନାରାୟଣ ଜେନା ଏବଂ ମଧ୍ୟ ଭୁବନେଶ୍ୱରର ସମସ୍ତ କର୍ପୋରେଟର୍ ଯୁବ ଛାତ୍ର ମହିଳା କର୍ମୀଙ୍କ ଉପସ୍ଥିତିରେ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଅପରାହ୍ଣ ୪ ଘଟିକା ସମୟରେ ଝାରପଡ଼ା ଦୁର୍ଗାମଣ୍ଡପରେ ଭୁବନେଶ୍ୱର ମଧ୍ୟ ବିଜୁ ଜନତା ଦଳ ପକ୍ଷରୁ ସାଧାରଣ ସଭା ଆୟୋଜିତ ହୋଇଯାଇଛି । ଝାରପଡ଼ା ଦୁର୍ଗାମଣ୍ଡପରେ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ବିଜୁ ବାବୁଙ୍କ ନାମରେ ଦଳର ସମସ୍ତ କର୍ମୀ ଶପଥ ପାଠ କରିଥିଲେ ଏବଂ ୩ ଜଣଙ୍କୁ ବିଜୁ ସାହସିକତା ପୁରସ୍କାରରେ ସମ୍ମାନିତ କରାଯାଇଥିଲା ।ସମସ୍ତେ ବିଜୁ ବାବୁଙ୍କ ସ୍ମୃତିଚାରଣ କରିବା ସହିତ ତାଙ୍କର ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ସଂକଳ୍ପ ନେଇଥିଲେ । ଆଜିର ଏହି ସଭାରେ ୱାକଫ ବୋର୍ଡ ସଭାପତି ଶେଖ ନିଜାମୁଦ୍ଦିନଙ୍କ ସମେତ ଭୁବନେଶ୍ୱର ମଧ୍ୟ ନିର୍ବାଚନ ମଣ୍ଡଳୀର ସମସ୍ତ କର୍ପୋରେଟର, ପୂର୍ବତନ କର୍ପୋରେଟର, ବରିଷ୍ଠ ନେତୃତ୍ୱ, ଯୁବ ଛାତ୍ର ମହିଳା କାର୍ଯ୍ୟକର୍ତ୍ତାଙ୍କ ସହିତ ପ୍ରାୟ ୨ ହଜାରରୁ ଅଧିକ ଜନସାଧାରଣ ଯୋଗଦେଇଥିଲେ ।




### ଫନ୍ ଆଣ୍ଡ ଫିଟ୍‌ନେସ୍ ୱାକର୍ସ କ୍ଲବ୍



ଭୁବନେଶ୍ୱର: ଫନ୍ ଆଣ୍ଡ ଫିଟନେସ୍ ୱାକର୍ସ କ୍ଲବ୍ ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । କ୍ଲବ୍‌ର ସମସ୍ତ ସଭ୍ୟ ଓ କର୍ମକର୍ତ୍ତା ବିଜୁବାବୁଙ୍କ ସ୍ମୃତିଚାରଣ କରିବା ସହ ଏକାମ୍ର କାନନ-ଜୟଦେବ ବିହାର ରାସ୍ତା ସଂଲଗ୍ନ ସାଲିଆ ସାହି ନିକଟରେ ଥିବା ସ୍ୱର୍ଗତ ବିଜୁପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ୨୫ ନମ୍ବର ୱାର୍ଡର କର୍ପୋରେଟର ମାନସୀରାଣୀ ସୁନ୍ଦରାୟ, ବରିଷ୍ଠ ନାଗରିକ, ଛାତ୍ର, ଏଫ୍‌ଏଫ୍‌ସିର ସଭାପତି ଆଶିଷ ପଟ୍ଟନାୟକ, ପୂର୍ବତନ ସଭାପତି କେଦାର ପଟ୍ଟନାୟକ ଏବଂ କର୍ମକର୍ତ୍ତା ବୈଷ୍ଣବ ଓଝା ପ୍ରମୁଖ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ଫଟୋଚିତ୍ର ପ୍ରଦର୍ଶନୀ



ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଏବଂ ପଞ୍ଚାୟତିରାଜ ଓ ଲୋକସେବା ଦିବସ ଅବସରରେ ବିଜୁବାବୁଙ୍କ ଜୀବନ ଉପରେ ଆଧାରିତ ଫଟୋଚିତ୍ର ପ୍ରଦର୍ଶନୀକୁ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଉଦ୍‌ଘାଟନ କରିଛନ୍ତି ।

ଜୟଦେବ ଭବନଠାରେ ଅନୁଷ୍ଠିତ ଏହି ଫଟୋଚିତ୍ର ପ୍ରଦର୍ଶନୀରେ ଜଣେ ଦୁଃସାହସିକ ବୈମାନିକ ଭାବେ ଭାରତ ତଥା ଇଣ୍ଡୋନେସିଆ ସ୍ୱାଧୀନତା ସଂଗ୍ରାମରେ ବିଜୁବାବୁଙ୍କ ଅବଦାନ, ରାଜ୍ୟ ତଥା ଜାତୀୟ ରାଜନୀତିରେ ତାଙ୍କର ପ୍ରଭାବ, ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଆଦି ବିଭିନ୍ନ କୀର୍ତ୍ତି ସମ୍ପର୍କିତ ବିରଳ ଫଟୋଚିତ୍ର ପ୍ରଦର୍ଶିତ ହୋଇଛି । ସେହିପରି ମୁଦ୍ରା ଏବଂ ଡାକ ଟିକଟରେ ବିଜୁ ବାବୁ ଓ ତାଙ୍କର ବ୍ୟକ୍ତିତ୍ୱ ଉପରେ ପ୍ରକାଶିତ ବିଭିନ୍ନ ପୁସ୍ତକ ଏହି ପ୍ରଦର୍ଶନୀର ଅନ୍ୟତମ ଆକର୍ଷଣ । ପ୍ରଦର୍ଶନୀକୁ ବିଭାଗୀୟ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ପ୍ରଶଂସା କରିଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତିରାଜ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସୂଚନା ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ ଓ ନିର୍ଦ୍ଦେଶକ ମହେଶ୍ୱର ସ୍ୱାଇଁ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଚିତ୍ରକଳା ପ୍ରଦର୍ଶନୀ



ଭୁବନେଶ୍ୱର: ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ସ୍ଥାନୀୟ ପାନ୍ଥନିବାସଠାରେ ସ୍ୱତନ୍ତ୍ର ଚିତ୍ରକଳା ପ୍ରଦର୍ଶନୀ ତଥା କର୍ମଶାଳା ଅନୁଷ୍ଠିତ ହୋଇଛି । ରାଜ୍ୟର ସଂସ୍କୃତି ଓ ଐତିହ୍ୟକୁ ପ୍ରୋତ୍ସାହିତ କରୁଥିବା କାରୁକାର୍ଯ୍ୟମାନ ଏଥିରେ ସ୍ଥାନିତ କରାଯାଇଛି । ଏହି ଅବସରରେ ଓଟିଡିସିର ଅଧ୍ୟକ୍ଷ ଲେନିନ୍ ମହାନ୍ତି, ପରିଚାଳନା ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଜେନେରାଲ ମ୍ୟାନେଜର ଲଲାଟେନ୍ଦୁ ସାହୁ ଏବଂ ଓଟିଡିସିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ଖଲିକୋଟସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଏବଂ କଟକ ଚିତ୍ରଶିଳ୍ପୀ ସଂଘର ସ୍ୱନାମଧନ୍ୟ ଚିତ୍ରଶିଳ୍ପୀଙ୍କ ଦ୍ୱାରା ରାଜ୍ୟର ବିବିଧ କଳା, ସଂସ୍କୃତି ଓ ମହିମାମଣ୍ଡିତ ଐତିହ୍ୟ ଏହି ପ୍ରଦର୍ଶନରେ ସ୍ଥାନିତ ହୋଇଛି । ଏଥିସହ ଏକ କର୍ମଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ପ୍ରବୀଣମାନଙ୍କଠାରୁ ନବୀନ ଚିତ୍ରଶିଳ୍ପୀ ସୂକ୍ଷ୍ମ କାରୁକାର୍ଯ୍ୟ ଓ କଳାଚାତୁର୍ଯ୍ୟ ଶିଖିବାର ସୁଯୋଗ ପାଉଛନ୍ତି । ଏହି ଚିତ୍ରକଳା ପ୍ରଦର୍ଶନୀକୁ ଦର୍ଶକ ମନଭରି ଉପଭୋଗ କରିବା ସହ ସମସ୍ତ ଅଂଶଗ୍ରହଣକାରୀ ଓ ଓଟିଡିସିକୁ ଧନ୍ୟବାଦ ଦେଇଛନ୍ତି ।

### ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜୁ ଜୟନ୍ତୀ



ନନ୍ଦନକାନନ: ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କର ୧୦୮ ତମ ଜୟନ୍ତୀ ଅବସରରେ ଏକ ସ୍ମୃତିଚାରଣ ସଭା ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀ ସାଲିଆସାହି ବାଜପାୟୀ ନଗର ଯାତ୍ରା ପଡ଼ିଆଠାରେ ଅନୁଷ୍ଠିତ ହୋଇଛି । ଏଥିରେ ୭ ହଜାରରୁ ଅଧିକ ବିଜୁପ୍ରେମୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ବିଜୁ ବାବୁ ଯେଉଁ ଆଧୁନିକ ଓଡ଼ିଶା ଗଠନର ସ୍ୱପ୍ନ ଦେଖିଥିଲେ ତାକୁ ତାଙ୍କ ସୁପୁତ୍ର ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାକାର କରୁଛନ୍ତି ବୋଲି ବିଧାୟକ ସୁଶାନ୍ତ କୁମାର ରାଉତ କହିଥିଲେ । ଜିଲ୍ଲା ସଂଖ୍ୟା ୧୩ରୁ ୩୦ କରିବା, ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଦି ନିଷ୍ପତ୍ତି ନେଇ ଓଡ଼ିଶାବାସୀଙ୍କ ହୃଦୟ ଜିଣିଥିଲେ ବୋଲି ସାଂସଦ ସୁଲତା ଦେଓ କହିଥିଲେ । ସେହିପରି ପାରାଦୀପ ବନ୍ଦର, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ଭଳି ପ୍ରକଳ୍ପ ବିଜୁ ବାବୁଙ୍କ ଅବଦାନ ବୋଲି ସୁବାସ ଚନ୍ଦ୍ର ପାତ୍ର ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମ ଅବସରରେ ଅନ୍ତର୍ଯ୍ୟାମୀ କୁଅଁର, ଭଗବାନ ଜେନା, ଶଙ୍କର ପାତ୍ର, ସମରେନ୍ଦ୍ର ସାହୁ, ପ୍ରଦୀପ ମିଶ୍ର, ବଟକୃଷ୍ଣ ନନ୍ଦ, ଜନକର ସାହୁ, ବଳରାମ ବେହେରା, ସଲିଲ ମହାପାତ୍ର ପ୍ରମୁଖ ବରିଷ୍ଠ ନାଗରିକ ତଥା ବିଜୁ ବାବୁଙ୍କ ସହଯୋଗୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ ।

### ସରସ୍ୱତୀ ଶିକ୍ଷା ମନ୍ଦିର

ହଂସପାଳ : ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ପାଳିତ ହୋଇଯାଇଛି । ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର କୁମାର ଖୁଣ୍ଟିଆ ଶିଶୁମାନେ ଶୃଙ୍ଖଳିତ, ସାହସୀ, ଦେଶପ୍ରେମୀ ଓ ଭଲ ମଣିଷ ହେବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ବିଶ୍ୱଭୂଷଣ ବାରିକ, ମମତା ସାମଲ, ରଶ୍ମିତା ସାହୁ ଉପସ୍ଥିତ ଥିଲେ ।





ଜୟନ୍ତୀରେ ବିଜୁ ବାବୁଙ୍କୁ 'ବନ୍ଦେ ମାତରମ୍' ପକ୍ଷରୁ ଅଭିନବ ସ୍ମୃତିଚାରଣ

## ବିଜୁ ବାବୁଙ୍କୁ ଭାରତରତ୍ନ ପାଇଁ ଦାବି




ଭୁବନେଶ୍ୱର : ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୮ ତମ ଜୟନ୍ତୀ ଅବସରରେ ବିଜୁ ପଟ୍ଟନାୟକ ପାର୍କରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଉତ୍କଳ ସମ୍ମିଳନୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ତଥା ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ସଭାପତିତ୍ୱ କରିଥିବା ବେଳେ ପୂର୍ବତନ ବାଚସ୍ପତି ଶରତ କରଙ୍କ ପୁତ୍ର ଶୋଭନ କର, ପୂର୍ବତନ କର୍ପୋରେଟର୍ ପଦ୍ମନାଭ ଦାସ ଆଦି ଅତିଥି ଭାବେ ଯୋଗଦେଇଥିଲେ । ଅତିଥିମାନଙ୍କ ସହିତ ଉତ୍କଳ ସମ୍ମିଳନୀର ଉପ-ସଭାପତି ଡ. ସୁରେନ୍ଦ୍ର ମିଶ୍ର, ଶାଖା ଉପଦେଷ୍ଟା ନିମାଇଁ ଚରଣ ଦାସ, ଉପ-ସଭାପତି ଶୀତଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ । କାର୍ଯ୍ୟକ୍ରମରେ ସମ୍ମିଳନୀର ସମ୍ପାଦକ ପ୍ରଦୀପ ରାଉତରାୟ, ମଞ୍ଚେଶ୍ୱର ଶାଖାର ଯୁଗ୍ମ-ସମ୍ପାଦକ ସିଦ୍ଧାର୍ଥ ଶଙ୍କର ଗଡ଼ନାୟକ ଓ ଅକ୍ଷୟ କୁମାର ଜେଠୀ, ସଞ୍ଜୁକ୍ତା ମହାନ୍ତି, ଅମୂଲ୍ୟ ସ୍ୱାଇଁ, ମହେଶ୍ୱର ବିଶ୍ୱାଳ, ଭବାନୀ ପ୍ରସାଦ ପ୍ରଧାନ ଉପସ୍ଥିତ ଥିଲେ ।

### ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ

ବାଲିଅନ୍ତା : ଜୟଦେବ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସକାଳେ ଦେଢାଳ ଛକ ନିକଟରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ବରିଷ୍ଠ ନେତା ବିରଞ୍ଚି ନାରାୟଣ କର, ବଇଁଚୁଆ ସରପଞ୍ଚ ରଶ୍ମିତା ସାହୁ, ସତ୍ୟଭାମାପୁର ସରପଞ୍ଚ ରଶ୍ମିତା ଭୋଇ, ଉମାଦେଇ ବ୍ରହ୍ମପୁର ସମିତି ସଭ୍ୟ ରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ସୂର୍ଯ୍ୟନାରାୟଣ ଦାସ, ମୁରଲୀ ସାହୁ, ଅଚ୍ୟୁତାନନ୍ଦ ପାତ୍ର, କରୁଣାକର ପରିଡ଼ାଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ଥିଲେ । ବିଜେଡି ନାରୀନେତ୍ରୀ ସୌଭାଗ୍ୟଲକ୍ଷ୍ମୀ ଶୁଭଦର୍ଶିନୀଙ୍କ ନେତୃତ୍ୱରେ ବାଲିପାଟଣା ବ୍ଲକ ଅଠାନ୍ତର ଛକରୁ ପ୍ରାୟ ସାଢ଼େ ୪ଶହରୁ ଅଧିକ କର୍ମୀ ଏବଂ ସମର୍ଥକ ବାଇକ୍ ଶୋଭାଯାତ୍ରାରେ ବାହାରି ବାଲିପାଟଣା ହାଟଛକସ୍ଥିତ ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଯୁବନେତା ପ୍ରଦୀପ୍ତ କୁମାର ମହାନ୍ତି, କରୁଣାକର ବେହେରାଙ୍କ ସହିତ ବହୁ ସରପଞ୍ଚ ଏବଂ ସମିତିସଭ୍ୟ ଉପସ୍ଥିତ ଥିଲେ । ସେହିପରି କମଳ କୁମାର ପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା, ୬ଟି ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟ, ପଞ୍ଚାୟତ ପ୍ରତିନିଧି, ବାଲିଅନ୍ତା ବ୍ଲକ ଅଧ୍ୟକ୍ଷ ବାସନ୍ତୀ ଖଟୁଆ, ବାଲିପାଟଣା ବ୍ଲକ ଅଧ୍ୟକ୍ଷା ହରପ୍ରିୟା ଦାସ ପ୍ରମୁଖ ବନମାଳିପୁର ନୂଆ ସାହି ସ୍ଥିତ ବିଜୁ ପ୍ରତିମୂର୍ତ୍ତି, ତୁରିନ୍ତିର ସ୍ଥିତ ବିଜୁ ପ୍ରତିମୂର୍ତ୍ତି, ଚଣାହାଟ ବିଜୁ ପ୍ରତିମୂର୍ତ୍ତି, ବାଲିପାଟଣା ହାଟଛକ ଏବଂ ଦେଢାଳ ଛକ ସ୍ଥିତ ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ । ସେଠାରୁ ସିଧାସଳଖ ପୁଣି ବାଇକ ଶୋଭାଯାତ୍ରାରେ ଗଡ଼ଶ୍ରୀରାମପୁର ବିଜେଡି କାର୍ଯ୍ୟାଳୟରେ ସଭାରେ ଯୋଗ ଦେଇଥିଲେ । ବାଲିପାଟଣା ବ୍ଲକ ବିଜେଡି ସଭାପତି କିଶୋର ଜେନା ଅଧ୍ୟକ୍ଷତା କରିଥିଲେ ।










